ଓଡିଶା ସରକାର

# ଓଡିଶା ବିଧାନ ସଭାରେ
# ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ
# ବଜେଟ୍ ଉପସ୍ଥାପନ କରି



## ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ,
## ଅର୍ଥ ମନ୍ତ୍ରୀଙ୍କର ଅଭିଭାଷଣ

୧ ଜୁନ୍, ୨୦୦୭

Please purchase PDFcamp Printer on http://www.verypdf.com/ to remove this watermark.

# c_Ôae aQ¸ [ cÒk] ¯,

ଏହି ପବିତ୍ର ଗୃହରେ 2007-08 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ମିଳିଥିବାରୁ ମୁଁ ପ୍ରଥମେ ଆପଣଙ୍କ ନିକଟରେ ତଥା ଏହି ଗୃହର ସମସ୍ତ ମାନ୍ୟବର ସଦସ୍ୟ-ସଦସ୍ୟାମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଏହି ଅବସରରେ ମୁଁ ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ବିରୋଧୀ ଦଳର ନେତାଙ୍କର ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

2. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଗତ ମାର୍ଚ୍ଚ ମାସ 29 ତାରିଖରେ 2007-08 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ 4 ମାସ ପାଇଁ ଲେଖାନୁଦାନ ଆଗତ କରିଥିଲି । ଏହି ଲେଖାନୁଦାନ ବିଧାନ ସଭାର ଅନୁମୋଦନ ଲାଭ କରିଛି । ବର୍ତ୍ତମାନ 2007-08 ଆର୍ଥିକ ବର୍ଷ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଏହି ଗୃହର ଅନୁମୋଦନ ପାଇଁ ଆଗତ କରାଯାଇଛି ।

3. 2007-08 ଆର୍ଥିକ ବର୍ଷର ବଜେଟ୍ ସଂପର୍କରେ ବକ୍ତବ୍ୟ ରଖିବା ଅବସରରେ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ମୁଁ ମାନ୍ୟବର ସଭ୍ୟ ସଭ୍ୟାମାନଙ୍କ ଅବଗତି ପାଇଁ ସଂକ୍ଷେପରେ କିଛି ତଥ୍ୟ ଉପସ୍ଥାପନ କରିବାକୁ ଉଚିତ୍ ମନେକରୁଛି ।

4. ରାଜ୍ୟ ସରକାର ଆର୍ଥିକ ସମସ୍ୟାକୁ ସୁଧାରିବା ପାଇଁ ଅନେକ ଗୁଡିଏ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପ ମଧ୍ୟରେ ବ୍ୟୟ ସଙ୍ଗତିକରଣ ପଦକ୍ଷେପ (Expenditure Rationalisation Measures), ରାଜସ୍ୱ ଆଦାୟ ବୃଦ୍ଧି ପଦକ୍ଷେପ (Revenue Step-up Measures), ସେବା ଯୋଗାଇ ଦିଆଯାଉଥିବା କ୍ଷେତ୍ରରେ ଉନ୍ନତିକରଣ (Improvement in Delivery System) ଏବଂ ସୀମିତ ସମ୍ବଳର ଉପଯୁକ୍ତ ବିନିଯୋଗ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । କହିବା ବାହୁଲ୍ୟ ଯେ ଅତିରିକ୍ତ ସମ୍ବଳ ସଂଗ୍ରହ ଓ ବିଭିନ୍ନ

Please purchase PDFcamp Printer on http://www.verypdf.com/ to remove this watermark.



କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ ପୂର୍ବକ ବିବିଧ ପଦକ୍ଷେପ ନେବାଦ୍ୱାରା ଆର୍ଥିକ ପରିଚାଳନା କ୍ଷେତ୍ରରେ କେତେକ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଛି। ଏହାର କେତୋଟି ଉଦାହରଣ ମୁଁ ଗୃହରେ ଉପସ୍ଥାପନ କରିବା ବିଧେୟ ମନେକରୁଛି ।

i) ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଯୋଗୁଁ ମଧ୍ୟମକାଳୀନ ଆର୍ଥିକ ଯୋଜନାରେ (Medium Term Fiscal Plan) ଧାର୍ଯ୍ୟ ଲକ୍ଷ୍ୟର ବହୁ ପୂର୍ବରୁ ଅର୍ଥାତ୍ 2008-09 ଆର୍ଥିକ ବର୍ଷ ପୂର୍ବରୁ ରାଜସ୍ୱ ନିଅଣ୍ଟ ସମ୍ପୂର୍ଣ୍ଣଭାବେ ହ୍ରାସ ପାଇଛି।

ii) 1999-2000 ଆର୍ଥିକ ବର୍ଷରେ ରାଜ୍ୟର ରାଜସ୍ୱ ନିଅଣ୍ଟ 2574.19 କୋଟି ଟଙ୍କା ଥିଲାବେଳେ 2004-05 ଆର୍ଥିକ ବର୍ଷରେ ଏହି ରାଜସ୍ୱ ନିଅଣ୍ଟ ହ୍ରାସ ପାଇ 522.30 କୋଟି ଟଙ୍କାରେ ପହଞ୍ଚିଲା । ଦୀର୍ଘ 22 ବର୍ଷର ବ୍ୟବଧାନ ପରେ ଅର୍ଥାତ 2005-06 ଆର୍ଥିକ ବର୍ଷରେ ଆମ ରାଜ୍ୟ ରାଜସ୍ୱ ନିଅଣ୍ଟିଆ ରାଜ୍ୟରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି । 2007-08 ଆର୍ଥିକ ବର୍ଷରେ ରାଜସ୍ୱ ବଳକା 1045.76 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

iii) ଆର୍ଥିକ ପରିଚାଳନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସମ୍ବଳ ସଂଗ୍ରହରେ ଆଶାନୁରୂପ ସଫଳତା ହାସଲ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଦ୍ୱାରା 1999-2000 ଆର୍ଥିକ ବର୍ଷଠାରୁ ରାଜ୍ୟର ନିଜ ରାଜସ୍ୱର ଆଖିଦୃଶିଆ ଅଭିବୃଦ୍ଧି ଘଟିଛି। 1999-2000 ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ କୁ ମିଶାଇ ମୋଟ ରାଜସ୍ୱ ପରିମାଣ 2420.56 କୋଟି ଟଙ୍କା ଥିଲାବେଳେ 2004-05 ଆର୍ଥିକ ବର୍ଷରେ ଏହି ପରିମାଣ 5522.12 କୋଟି ଟଙ୍କା ଏବଂ 2005-06 ଆର୍ଥିକ ବର୍ଷରେ ଏହା 6534.18 କୋଟି ଟଙ୍କା ଅଟେ । 2006-07 ଆର୍ଥିକ ବର୍ଷର ମୂଳ ବଜେଟ୍‌ରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବାବଦରେ 6452.99 କୋଟି ଟଙ୍କାର ଅଟକଳ କରାଯାଇଥିଲା । 2007-08 ଆର୍ଥିକ ବର୍ଷରେ ରାଜ୍ୟରେ ନିଜ ଟିକସ ଓ

Please purchase PDFcamp Printer on http://www.verypdf.com/ to remove this watermark.



ଅଣଟିକସ ବାବଦରେ ଆଦାୟ ପାଇଁ 8196.28 କୋଟି ଟଙ୍କା ଆକଳନ କରାଯାଇଛି ।

iv) ଆର୍ଥିକ ପରିଚାଳନାର ଅନ୍ୟ ଏକ ସଫଳତା ହେଉଛି ରିଜର୍ଭ ବ୍ୟାଙ୍କରୁ ଅଧିକ ଉଠାଣ (Over Draft) ଓ ସାଧନୋପାୟ୍ ଅଗ୍ରୀମ (Ways & Means Advance) ଉପରେ ସରକାରଙ୍କର ନିର୍ଭରଶୀଳତା ହ୍ରାସ। 2005-06 ଆର୍ଥିକ ବର୍ଷଠାରୁ ଅଦ୍ୟାବଧି ସରକାର ରିଜର୍ଭ ବ୍ୟାଙ୍କରୁ ଓଭର ଡ୍ରାଫ୍ଟ କରିନାହାନ୍ତି କିମ୍ବା ସାଧନୋପାୟ୍ ଅଗ୍ରୀମ ଆଣିନାହାନ୍ତି । ଏହା ଆର୍ଥିକ ପରିଚାଳନା କ୍ଷେତ୍ରରେ ଉନ୍ନତିର ପରିଚାୟକ ଅଟେ।

v) ଏକାଦଶ ଅର୍ଥ କମିଶନ ସୁପାରିଶ କରିଥିଲେ ଯେ ଯଦି 2000-01 ଆର୍ଥିକ ବର୍ଷ ଠାରୁ 2004-05 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ରାଜସ୍ୱ ନିଅଣ୍ଟ ରାଜସ୍ୱ ଆୟର 5 ପ୍ରତିଶତ ମଧ୍ୟରେ ସୀମିତ ରହିବ; ତେବେ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଉପରୋକ୍ତ 5 ବର୍ଷ ମଧ୍ୟରେ ରାଜସ୍ୱ ନିଅଣ୍ଟକୁ ସୀମିତ ରଖିବାକୁ ସକ୍ଷମ ହେଇଥିବାରୁ ରାଜ୍ୟ ସରକାର 315.35 କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପାଇଛନ୍ତି ।

vi) ସେହିପରି ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2004-05 ଆର୍ଥିକ ବର୍ଷର ସଫଳତା ପାଇଁ ରାଜ୍ୟସରକାର 381.90 କୋଟି ଟଙ୍କା ଋଣଛାଡ ପାଇଛନ୍ତି ଓ 2005-06 ଆର୍ଥିକ ବର୍ଷର ସଫଳତା ପାଇଁ ମଧ୍ୟ 2006-07 ଆର୍ଥିକ ବର୍ଷରେ ଅନୁରୂପ ଋଣ ଛାଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

vii) ଅନ୍ୟ ପକ୍ଷରେ 1999-2000 ଆର୍ଥିକ ବର୍ଷରେ ଯେଉଁ ନିଟ୍ ଋଣ କରାଯାଇଥିଲା ତହିଁରୁ ପ୍ରାୟ୍ 79.17 ଶତାଂଶ ରାଜସ୍ୱ ନିଅଣ୍ଟ ବାବଦକୁ ଭରଣା କରାଯାଇଥିବାବେଳେ 2005-06 ଆର୍ଥିକ ବର୍ଷରେ 481.19 କୋଟି ଟଙ୍କାର

Please purchase PDFcamp Printer on http://www.verypdf.com/ to remove this watermark.



ବଳକା ରାଜସ୍ୱ ହାସଲ ହୋଇପାରିଛି । ତେଣୁ ଋଣ କରାଯାଉଥିବା ଅର୍ଥରେ ରାଜସ୍ୱ ନିଅଣ୍ଟ ଭରଣା କରିବାର ଆବଶ୍ୟକତା ବର୍ତ୍ତମାନ ନାହିଁ ।

viii) ସମ୍ବଳ ସଂଗ୍ରହରେ ସଫଳତା ଯୋଗୁଁ 2007-08 ଆର୍ଥିକ ବର୍ଷରେ ରାଜ୍ୟର ଯୋଜନା ବ୍ୟୟ ଅଟକଳ 5105 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଅଛି । 2006-07 ଆର୍ଥିକ ବର୍ଷରେ ମୂଳ ବଜେଟ୍ ଅଟକଳ 3500 କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିଲା ଓ ସଂଶୋଧିତ ଅଟକଳ 3600 କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଗତବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟ ଯୋଜନା ବ୍ୟୟ ଅଟକଳରେ ଉଲ୍ଲେଖନୀୟ । ଏହା ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ।

ix) ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଫଳତା ସତ୍ତ୍ୱେ ଏକଥା ଆମକୁ ସ୍ୱୀକାର କରିବାକୁ ହେବ ଯେ ଆର୍ଥିକ ପରିସ୍ଥିତିର ଅନ୍ୟ ଏକ ଦୁର୍ବଳ କ୍ଷେତ୍ର ହେଉଛି ଅଧିକ ଋଣ ବୋଝ । ତା 31.3.06 ରିଖ ସୁଦ୍ଧା ରାଜ୍ୟର ଋଣଭାର 36459.07 କୋଟି ଟଙ୍କା ଅଟେ ଏବଂ ଏହା ସାମଗ୍ରିକ ଘରୋଇ ଉତ୍ପାଦନ (G.S.D.P) ର 48.16 ପ୍ରତିଶତ ଅଟେ । ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଋଣ ଏବଂ ସାମଗ୍ରିକ ଘରୋଇ ଉତ୍ପାଦନ ଅନୁପାତ 28 ପ୍ରତିଶତ ରହିବା ବାଞ୍ଛନୀୟ । ସେହିପରି କମିଶନଙ୍କ ସୁପାରିଶ ଅନୁସାରେ ସୁଧଦେୟ ରାଜସ୍ୱ ଆୟ ଅନୁପାତ 15 ପ୍ରତିଶତରେ ରହିବା କଥା। 2005-06 ଆର୍ଥିକ ବର୍ଷରେ ଓଡିଶାରେ ଏହି ଅନୁପାତ 26.2 ପ୍ରତିଶତ ଅଟେ । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟପାଇଁ ଋଣ କରିବା କିଛି ଦୋଷାବହ ନୁହେଁ । କିନ୍ତୁ ଏହି ଋଣ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ବ୍ୟବହୃତ ହେବା ଉଚିତ ନୁହେଁ। ରାଜ୍ୟ ସରକାରଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟା ଦ୍ୱାରା 1999-2000 ଆର୍ଥିକ ବର୍ଷରେ ଋଣର ପରିମାଣ ମୋଟ ରାଜସ୍ୱ ଆୟର 308 ପ୍ରତିଶତ ଥିଲାବେଳେ 2005-06 ଆର୍ଥିକ ବର୍ଷରେ ଏହାକୁ 259 ପ୍ରତିଶତକୁ ହ୍ରାସ କରାଯାଇପାରିଛି।

Please purchase PDFcamp Printer on http://www.verypdf.com/ to remove this watermark.



x) ଭାରତ ସରକାରଙ୍କ ଋଣ ପ୍ରତିବଦଳ ଯୋଜନା (Debt Swap Scheme) ଅନୁସାରେ ଉଚ୍ଚ ସୁଧହାର ବିଶିଷ୍ଟ ଋଣକୁ ନିମ୍ନ ସୁଧହାର ଋଣରେ ପ୍ରତିବଦଳ କରିବାଦ୍ୱାରା ରାଜ୍ୟ ସରକାର 144.47 କୋଟି ସୁଧ ରିହାତି ପାଇ ପାରିଛନ୍ତି ।

xi) ଋଣର ପୁନଃକ୍ରୟ (Debt Buy Back )

ଇତି ମଧ୍ୟରେ ରାଜ୍ୟ ସରକାର ଋଣ ଭାରକୁ ଲାଘବକରିବା ଉଦ୍ଦେଶ୍ୟରେ ଉଚ୍ଚ ସୁଧହାର ବିଶିଷ୍ଟ ଖୋଲା ବଜାର ଋଣକୁ 394.61 କୋଟି ଟଙ୍କା ଆଗୁଆ ପୈଠ କରିଛନ୍ତି ।

5. ଆପଣମାନଙ୍କ ଅବଗତି ପାଇଁ ମୁଁ କହିବାକୁ ଚାହେଁ ଯେ ପୂର୍ବରୁ ଯେଉଁ କେନ୍ଦ୍ରୀୟ ସହାୟତା ମିଳୁଥିଲା ତହିଁରେ 30 ପ୍ରତିଶତ ଅନୁଦାନ ଓ 70 ପ୍ରତିଶତ ଋଣ ଥିଲା । କିନ୍ତୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏଣିକି କେନ୍ଦ୍ରୀୟ ସହାୟତାର ଋଣ ଅଂଶ ରାଜ୍ୟ ସରକାରଙ୍କୁ ନିଜେ ହିଁ ଯୋଗାଡ କରିବାକୁ ପଡୁଛି । ଏହି ବ୍ୟବସ୍ଥା 2005-06 ଆର୍ଥିକ ବର୍ଷରୁ ଲାଗୁହେଲାଣି । ପୁନଶ୍ଚ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଭାରତ ସରକାର କେଉଁ ରାଜ୍ୟ କେଉଁ ବର୍ଷ ପାଇଁ କେତେ ଋଣ କରିବେ ତାହା ଧାର୍ଯ୍ୟ କରିଛନ୍ତି । 2006-07 ଆର୍ଥିକ ବର୍ଷ ପାଇଁ ଓଡିଶା ସରକାରଙ୍କ କ୍ଷେତ୍ରରେ ନିଟ୍ ଋଣ ପରିମାଣର ସର୍ବୋଚ୍ଚ ସୀମା 1677.00 କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିଲା । ଯୋଜନା କମିଶନ ଚଳିତ ଆର୍ଥିକ ବର୍ଷ ପାଇଁ ଚୂଡାନ୍ତ କରିଥିବା 5105 କୋଟି ଟଙ୍କାର ଯୋଜନା ଅଟକଳ ନିମନ୍ତେ ବଜେଟ୍‌ରେ ନିଟ୍ ଋଣ ପରିମାଣ 1026.29 କୋଟି ଟଙ୍କାରେ ଆକଳନ କରାଯାଇଛି ।

6. ଦରମା ବାବଦରେ ଖର୍ଚ୍ଚ ଆମ ରାଜ୍ୟରେ ହ୍ରାସ କରିବାକୁ ପଡିବ; କାରଣ ମୋଟ ରାଜସ୍ୱ ଖର୍ଚ୍ଚରୁ ସୁଧ ଦେୟ ଓ ପେନ୍‌ସନ୍ କୁ ବାଦ ଦେଲେ ଅବଶିଷ୍ଟ ରାଜସ୍ୱ ଖର୍ଚ୍ଚର ପ୍ରାୟ 49 ପ୍ରତିଶତ ଦରମା ବାବଦରେ ଖର୍ଚ୍ଚ ହୁଏ । କିନ୍ତୁ ଦ୍ୱାଦଶ ଅର୍ଥ

Please purchase PDFcamp Printer on http://www.verypdf.com/ to remove this watermark.



କମିଶନଙ୍କ ସୁପାରିଶ ଅନୁସାରେ ଏହା 35 ପ୍ରତିଶତରେ ସୀମିତ ରହିବା କଥା । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ଧୈର୍ଯ୍ୟ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡିବ । ସୁତରାଂ ଏଥି ନିମନ୍ତେ ବିଗତ ଦିନମାନଙ୍କ ଭଳି ଆପଣମାନଙ୍କର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ମିଳିବ ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ ।

7. ଏକଥା ସତ୍ୟ ଯେ ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କର ସମସ୍ୟାକୁ ଆଖି ଆଗରେ ରଖି ବ୍ୟୟ ବରାଦ କରିବାକୁ ହେବ । କିନ୍ତୁ ସୀମିତ ସମ୍ବଳ ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ ଖର୍ଚ୍ଚ କରିବାର ଆବଶ୍ୟକତା ଅଛି । ଅସଲ କଥା ହେଉଛି ଅଦରକାରୀ ଖର୍ଚ୍ଚକୁ କମାଇ ପୁଞ୍ଜି ଖର୍ଚ୍ଚ (Capital Expenditure) ଅଧିକା କରିବା ଦ୍ୱାରା ଭିତ୍ତିଭୂମିର ବିକାଶ ହେବା ସଙ୍ଗେ ସଙ୍ଗେ ଘରୋଇ ପୁଞ୍ଜି ନିବେଶ ପାଇଁ ପଥ ଉନ୍ମୁକ୍ତ ହେବ ।

8. ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ, କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଓ କେନ୍ଦ୍ରୀୟ ଅନୁଦାନକୁ ହିସାବକୁ ନେଇ 2007-08 ଆର୍ଥିକ ବର୍ଷପାଇଁ ମୋଟ ରାଜସ୍ୱ 19467.20 କୋଟି ଟଙ୍କା ରଖାଯାଇଥିବା ବେଳେ ମୋଟ ରାଜସ୍ୱ ବ୍ୟୟ ବରାଦ 18421.44 କୋଟି ଟଙ୍କା ରଖାଯାଇଛି । 2005-06 ଆର୍ଥିକ ବର୍ଷରେ ରାଜସ୍ୱ ବଳକା 481.20 କୋଟି ଥିବା ବେଳେ 2006-07 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ଏହି ରାଜସ୍ୱ ବଳକା 747.76 କୋଟି ଟଙ୍କା ଓ 2007-08 ଆର୍ଥିକ ବର୍ଷରେ ଏହା 1045.76 କୋଟି ଟଙ୍କା ହେବ ବୋଲି ଆକଳନ ହୋଇଅଛି । ଅନ୍ୟ ପକ୍ଷରେ ପୁଞ୍ଜି ହିସାବରେ (Capital Account) ଆୟ ତୁଳନାରେ ବ୍ୟୟ 1220.43 କୋଟି ଟଙ୍କା ଅଧିକ ହେବ ବୋଲି ଆକଳନ କରାଯାଇଛି । ବିଭିନ୍ନ ସୂତ୍ରରୁ ଯେତିକି ଋଣ ଓ ଅଗ୍ରୀମ ଆଦାୟ କରାଯିବ ଏବଂ ଋଣ ଅଣାଯିବ ତାହାଠାରୁ ଅଧିକ ପୁଞ୍ଜି ବିନିଯୋଗ ଓ ଆଗରୁ ଅଣାଯାଇଥିବା ଋଣର କିସ୍ତି ପରିଶୋଧ କରାଯିବ । ମୋଟ ଉପରେ ରାଜସ୍ୱ ହିସାବ ଓ ପୁଞ୍ଜି ହିସାବର ଆକଳନ ଅନୁସାରେ ସଂଗଠିତ ପାଣ୍ଠି (Consolidated Fund) ରେ 174 କୋଟି 67 ଲକ୍ଷ 4 ହଜାର ଟଙ୍କା ନିଅଣ୍ଟ ଆକଳନ କରାଯାଇଛି ଏବଂ ସେହିପରିମାଣରେ

Please purchase PDFcamp Printer on http://www.verypdf.com/ to remove this watermark.



ବଳକା Public Account ରେ ହିସାବ କରାଯାଇଛି । ମୋଟ ଉପରେ କହିବାକୁ ଗଲେ ରାଜସ୍ୱ, ପୁଞ୍ଜି ଓ Public Account ର ଅଟକଳ ହିସାବକୁ ନେଇ ଯେତିକି ଆୟ ସେତିକି ବ୍ୟୟରେ ରଖାଯାଇ ଉଭୟ ଆୟ ଓ ବ୍ୟୟକୁ ସମାନ କରାଯାଇଛି । ତେଣୁ ଏହା ଏକ ରାଜସ୍ୱ ବଳକା ବଜେଟ୍ ହେବା ସଙ୍ଗେ ସଙ୍ଗେ ଏକ ସମତୁଲ ବଜେଟ୍ ମଧ୍ୟ ଅଟେ ।

9. 2007-08 ଆର୍ଥିକ ବର୍ଷ ପାଇଁ ଯେଉଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯାଇଛି ସେଥିରେ କେତୋଟି ପ୍ରମୁଖ ଯୋଜନା ଓ ଅଣଯୋଜନା ବ୍ୟୟ ସମ୍ବଳିତ କାର୍ଯ୍ୟକ୍ରମ ଉପରେ ମୁଁ ଏଠାରେ ଆଲୋକପାତ କରୁଅଛି ।

## 10. ¥Þ ' Î á¤Þ ' åÞ¥ £ŒÎÞä¨

ବର୍ତ୍ତମାନ ମୁଁ ରାଜ୍ୟ ଯୋଜନା ପାଇଁ ଉଦ୍ଦିଷ୍ଟ ବ୍ୟୟବରାଦର ମୁଖ୍ୟାଂଶ ଉପରେ ଆଲୋକପାତ କରିବାକୁ ଯାଉଛି ।

**କୃଷି ବିଭାଗ**

V ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ । ଏଥିପାଇଁ ଲୋକପ୍ରିୟ ସରକାର ପାର ରିକ ଫସଲର ଉତ୍ପାଦନ ବୃଦ୍ଧିକରି ଅଧିକ ଲାଭ ମିଳୁଥିବା ଅର୍ଥକାରୀ ଫସଲ ଚାଷ ଓ ବିଶେଷତଃ ଉଚ୍ଚ ଜମିରେ ଉଦ୍ୟାନ କୃଷି ଫସଲ ଚାଷକରି ଚାଷୀ ଅଧିକ ଆୟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଉଦ୍ୟାନ କୃଷିର ଉନ୍ନତି ପାଇଁ 2006-07 ଆର୍ଥିକ ବର୍ଷରେ 11 ଟି ଅଣ ମିସନ ଜିଲ୍ଲା ନିମିତ୍ତ 1.40 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ 2007-08 ଆର୍ଥିକ ବର୍ଷରେ ଏହାକୁ 3.05 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



- କୃଷି ଉନ୍ନୟନ ଓ ବିନିଯୋଗ ନିଗମ ଲିଃ (Agriculture Promotion and Investment Corporation Limited) ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 20 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ସାର, ଜୈବିକ ସାର, କୀଟନାଶକ ଏବଂ ଜୈବିକ କୀଟନାଶକ ପାଇଁ 2006-07 ମୂଳ ବଜେଟ୍‌ରେ 1.78 କୋଟି ଟଙ୍କାର ବ୍ୟୟ ବରାଦ ଥିଲା ବେଳେ 2007-08 ବଜେଟ୍‌ରେ ଏଥିପାଇଁ 5.51 କୋଟି ଟଙ୍କାର ବ୍ୟବସ୍ଥା ଅଛି ।

- ବୁନ୍ଦା ଜଳସେଚନ (Micro Irrigation) କାର୍ଯ୍ୟକ୍ରମ ପାଇଁ କୃଷି ବିଭାଗ ଅଧୀନରେ ରାଜ୍ୟ ଯୋଜନା କ୍ଷେତ୍ରରେ 2006-07 ମୂଳ ବଜେଟ୍‌ରେ ଆଦୌ କୌଣସି ବ୍ୟବସ୍ଥା ନଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ନୂତନ କୃଷି ନୀତିରେ ଆର୍ଥିକ ପ୍ରୋତ୍ସାହନ ପାଇଁ 2006-07 ମୂଳ ବଜେଟ୍‌ରେ ମାତ୍ର ଏକ ହଜାର ଟଙ୍କାର ବ୍ୟୟ ବରାଦ ଥିବା ବେଳେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଆଳୁ, ପନିପରିବା ଏବଂ ମସଲା ଚାଷକୁ ପ୍ରୋତ୍ସାହିତ କରିବାପାଇଁ ଚଳିତ ବର୍ଷ ନୂତନ ଭାବେ 1 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



V ଚିନାବାଦାମ ଭଳି ତୈଳବୀଜ ଫସଲର ଉତ୍ପାଦନ ବୃଦ୍ଧି ଓ ଡାଲି ଜାତୀୟ ଫସଲ ଏବଂ ମକା ଚାଷ ପାଇଁ ଚାଷୀ ମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦିଆଯିବ । ଏଭଳି ପଦକ୍ଷେପର ସହାୟତା ନିମନ୍ତେ 2007-08 ଆର୍ଥିକ ବର୍ଷର ବଜେଟ୍ ଅଟକଳରେ 2.72 କୋଟି ଟଙ୍କାର ରାଜ୍ୟ ଅଂଶ ସମେତ 10.49 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

V ଆପଣମାନେ ଜାଣନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସୁଛନ୍ତି । ଜାତୀୟ ଜଳଛାୟା ଉନ୍ନୟନ ପ୍ରକଳ୍ପ ଓ ନଦୀ ଉପତ୍ୟକା ପ୍ରକଳ୍ପରେ ଜଳଛାୟା ଉନ୍ନୟନ ନିମନ୍ତେ 2007-08 ଆର୍ଥିକ ବର୍ଷରେ 18.40 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

V କୃଷି ବିଭାଗ ଅଧୀନରେ ରାଜ୍ୟ ଯୋଜନା ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 48.08 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ 2007-08 ଆର୍ଥିକ ବର୍ଷ ମୂଳ ବଜେଟରେ ଏହା 60.65 କୋଟି ଟଙ୍କାକୁ ବୃଦ୍ଧି ହୋଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



| |
|---|
| ଜଳସ ଦ ବିଭାଗ |

V ଜଳସ ଦ ବିଭାଗ ଅଧୀନରେ ତ୍ୱରିତ ଜଳସେଚନ ସୁବିଧା ଯୋଜନା (Accelerated Irrigation Benefit Scheme) ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 363.00 କୋଟି ଟଙ୍କାର ଆକଳନ କରାଯାଇଥିବା ବେଳେ ଚଳିତ ବର୍ଷ ବଜେଟ୍ ରେ ଏହାକୁ 464.28 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

| |
|---|
| ଶକ୍ତି ବିଭାଗ |

V 300 ରୁ କମ୍ ଲୋକ ରହୁଥିବା ଗାଁ କୁ ବିଜୁଳି ଯୋଗାଇ ଦେବା ପାଇଁ ବିଜୁ ଗ୍ରାମ ଜ୍ୟୋତି ଯୋଜନା ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି ଏବଂ ଏଥି ପାଇଁ ଚଳିତ ବର୍ଷ ଶକ୍ତି ବିଭାଗ ବଜେଟ୍‌ରେ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| |
|---|
| ଯୋଜନା ଓ ସମନ୍ୱୟ ବିଭାଗ |

V ରାଜ୍ୟ ସରକାର ପ୍ରବାଦ ପୁରୁଷ ପ୍ରଖ୍ୟାତ ଜନନେତା ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ନାମରେ କେବିକେ ଜିଲ୍ଲାରେ ରାଜ୍ୟ ଯୋଜନା ଅନ୍ତର୍ଗତ ବିଜୁ କେବିକେ ଯୋଜନା 2006-07 ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ କରିଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍ ରେ 120 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

V 50 ଲକ୍ଷ ଟଙ୍କାରୁ 75 ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ପୂର୍ବ ବର୍ଷର ବକେୟା ବର୍ଦ୍ଧିତ ପାଣ୍ଠି ବାବଦକୁ 36 କୋଟି 75 ଲକ୍ଷ ଟଙ୍କା ଏବଂ ଚଳିତ ବର୍ଷ ଏଥି ନିମନ୍ତେ 110 କୋଟି 25 ଲକ୍ଷ ଟଙ୍କା ଏହିପରି ମୋଟ 147 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ଚଳିତ ବର୍ଷ ବଜେଟ୍‌ରେ 30 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

- ଯୋଜନା ଓ ସମନ୍ୱୟ ବିଭାଗ ବଜେଟ୍‌ରେ ଓଡିଶା ରାଜ୍ୟ ନିଯୁକ୍ତି ମିଶନ ପାଇଁ 16.10 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ପଞ୍ଚାୟତି ରାଜ ବିଭାଗ**

- ରାଜ୍ୟ ସରକାର 2006-07 ଆର୍ଥିକ ବର୍ଷରେ 11ଟି ଜିଲ୍ଲାର ରାଜସ୍ୱ ଗ୍ରାମକୁ (ଯେଉଁଠାରେ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଦିଆଯାଇନାହିଁ) ସ୍ୱତନ୍ତ୍ରଭାବରେ ବିଜୁଳି, ସଡକ ଓ ଜଳ ଯୋଗାଣ ଆଦିକ୍ଷେତ୍ରରେ ଭିତ୍ତିଭୂମି ସ୍ଥାପନ ନିମନ୍ତେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରଚଳନ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ସୂତ୍ରରୁ 2007-08 ଆର୍ଥିକ ବର୍ଷରେ 110 କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ।

- ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ତୃପ୍ତି (TRIPTI) ଯୋଜନାରେ ପଞ୍ଚାୟତିରାଜ ବିଭାଗ ବଜେଟ୍ ରେ 2006-07 ଆର୍ଥିକ ବର୍ଷରେ 1 କୋଟି ଟଙ୍କା ବ୍ୟବସ୍ଥା ଥିଲାବେଳେ 2007-08 ବଜେଟ୍ ଆକଳନ ଅନୁସାରେ ଏହା 45 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ପଞ୍ଚାୟତିରାଜ ବିଭାଗ ବଜେଟ୍‌ରେ ଇନ୍ଦିରା ଆବାସ ଯୋଜନା ପାଇଁ ରାଜ୍ୟ ସରକାରଙ୍କର ଅଂଶ ବାବଦକୁ ଆବଶ୍ୟକ 69.65 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଗତ ଆର୍ଥିକ ବର୍ଷରେ ଏଥିପାଇଁ 51 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



- ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (National Rural Employment Guarantee Scheme) ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ କୌଣସି ବ୍ୟୟ ବରାଦ ନଥିବା ବେଳେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏହି ଯୋଜନାର ରାଜ୍ୟ ଅଂଶ ବାବଦକୁ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟର 19ଟି ଜିଲ୍ଲାରେ ଅନୁନ୍ନତ ଅଞ୍ଚଳର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଯୋଜନା ପ୍ରଚଳନ କରିଛନ୍ତି । ଏଥିପାଇଁ 2007-08 ଆର୍ଥିକ ବର୍ଷରେ ଆବଶ୍ୟକୀୟ 324.26 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**ମହିଳା ଓ ଶିଶୁ ବିକାଶ ବିଭାଗ**

- 2006-07 ଆର୍ଥିକ ବର୍ଷରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାର ମୁଖ୍ୟ ରୋଜଗାରକାରୀ ବ୍ୟକ୍ତିର ମୃତ୍ୟୁ କ୍ଷେତ୍ରରେ 10 ହଜାର ଟଙ୍କାର ଏକକାଳୀନ ସହାୟତା ପ୍ରଦାନ ପାଇଁ ରାଜ୍ୟ ଯୋଜନାରେ 13.03 କୋଟି ଟଙ୍କାର ବ୍ୟବସ୍ଥା ଥିବାବେଳେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିନିମନ୍ତେ ଅନୁରୂପ ବ୍ୟବସ୍ଥା ଅଛି ।

- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 67 କୋଟି 19 ଲକ୍ଷ 42 ହଜାର ଟଙ୍କାର ବ୍ୟବସ୍ଥା ଥିବାବେଳେ 2007-08 ଆର୍ଥିକ ବର୍ଷ ବଜେଟ୍ ରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



V ଜରୁରୀକାଳୀନ ଖାଦ୍ୟ ଯୋଗାଣ ଯୋଜନା 8 ଟି କେବିକେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ବି.ପି.ଏଲ. ପଞ୍ଜିକୃତ 2 ଲକ୍ଷ ବୃଦ୍ଧ, ବୃଦ୍ଧା, ଓ ଅସହାୟ ଲୋକଙ୍କୁ ଗୋଟିଏ ଓଳି ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଏଥି ନିମନ୍ତେ ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ଦୈନିକ 250 ଗ୍ରାମ ଚାଉଳ ବ୍ୟବସ୍ଥା କରାଯାଇଛି । ଏଥିପାଇଁ 2007-08 ଆର୍ଥିକ ବର୍ଷରେ 20.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

V ଅତିରିକ୍ତ ପୁଷ୍ଟି ଯୋଜନା (Supplementary Nutrition Programme) ନିମିତ୍ତ ମହିଳା ଓ ଶିଶୁ ବିକାଶ ବିଭାଗ ବଜେଟ୍‌ରେ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ 96.07 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । 2006-07 ଆର୍ଥିକ ବର୍ଷର ମୂଳ ବଜେଟ୍‌ରେ ଏଥିପାଇଁ 32.81 କୋଟିଟଙ୍କାର ବ୍ୟୟ ବରାଦ ହୋଇଥିଲା ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ

V ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାକ ମାଟ୍ରିକ ଆବାସିକ ଛାତ୍ର ଛାତ୍ରୀ ମାନଙ୍କର ବୃତ୍ତି ବୃଦ୍ଧି କରାଯାଇଛି । ଏଥିପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 40.82 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ 2007-08 ଆର୍ଥିକବର୍ଷ ବଜେଟ୍‌ରେ 84.77 କୋଟିଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ମାଟ୍ରିକ ପରବର୍ତ୍ତୀ ବୃତ୍ତି ପାଇଁ

Please purchase PDFcamp Printer on http://www.verypdf.com/ to remove this watermark.



ମଧ୍ୟ ଚଳିତ ବର୍ଷ ବଜେଟ୍‌ରେ 3.34 କୋଟିଟଙ୍କାର ବ୍ୟୟ ବରାଦ କରାଯାଇଛି ।

V ମାଟ୍ରିକ୍ ପାସ୍ କରିଥିବା ଅନୁସୂଚିତ ଜନଜାତି ବାଳିକାମାନଙ୍କୁ ମହାବିଦ୍ୟାଳୟରେ ଶିକ୍ଷା ନିମିତ୍ତ ସାଇକେଲ୍ ଯୋଗାଇବା ବାବଦକୁ ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ 81 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

V ଅନୁସୂଚିତ ଜାତି ଓ ଜନ ଜାତି ଛାତ୍ର ଛାତ୍ରୀମାନଙ୍କ ଛାତ୍ରାବାସ ନିର୍ମାଣ ନିମିତ୍ତ 53.01 କୋଟିଟଙ୍କା ବ୍ୟୟ ବରାଦ କରାଯାଇଛି ।

V ଅନୁସୂଚିତ ଜନଜାତି ଅଞ୍ଚଳ ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଆଦିବାସୀ

(Special Central Assistance for TSP) ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଆବଶ୍ୟକୀୟ 127.14 କୋଟିଟଙ୍କା ବ୍ୟୟ ବରାଦ କରାଯାଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

V ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଅନୁଦାନ ଜନିତ ଦରମା ପାଇଁ 2006-07 ଆର୍ଥିକବର୍ଷ ମୂଳ ବଜେଟ୍‌ରେ ମୋଟ 101.43 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା ବେଳେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏହା 125.56 କୋଟିଟଙ୍କାକୁ ବୃଦ୍ଧି ପାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



ଉଚ୍ଚ ଶିକ୍ଷା ବିଭାଗ

- ଉଚ୍ଚ ଶିକ୍ଷା ବିଭାଗରେ ଅନୁଦାନଜନିତ ଦରମା ପାଇଁ ମୋଟ 128.35 କୋଟିଟଙ୍କା ଉଦ୍ଦିଷ୍ଟ ଥିବା ବେଳେ ବେସରକାରୀ ମହାବିଦ୍ୟାଳୟ ପାଇଁ 21 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି । ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା ଉଦେଶ୍ୟରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେଉଛି । 2007-08 ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ରାଜ୍ୟ ସରକାରଙ୍କର ଅଂଶ ବାବଦରେ 60.92 କୋଟିଟଙ୍କାର ବ୍ୟୟ ବରାଦ କରାଯାଇଛି ।

ପୂର୍ତ୍ତ ବିଭାଗ

- କେନ୍ଦ୍ରୀୟ ରାସ୍ତା ପାଣ୍ଠି (Central Road Fund) ଅଧୀନରେ 2007-08 ଆର୍ଥିକ ବର୍ଷରେ 54.73 କୋଟିଟଙ୍କା ବ୍ୟୟରେ 3ଟି ସେତୁ ଓ 76.56 କି.ମି ପରିମିତ 8ଟି ରାସ୍ତା ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି ।

- ଏହି ବିଭାଗ ଅଧୀନରେ ଥିବା ରାସ୍ତା ଓ ପୋଲ ନିର୍ମାଣ ତଥା ଉନ୍ନତିକରଣ ପାଇଁ ଆର.ଆଇ.ଡି.ଏଫ୍. କାର୍ଯ୍ୟକ୍ରମରେ ଚଳିତ ବର୍ଷ ବଜେଟ୍‌ରେ 115 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ ମଧ୍ୟ ଅନୁରୂପ ବ୍ୟବସ୍ଥା ରଖାଯାଇଥିଲା ।

Please purchase PDFcamp Printer on http://www.verypdf.com/ to remove this watermark.



- ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଯୋଜନାରେ 7 ଗୋଟି ରାସ୍ତାର ଉନ୍ନତିକରଣ ପାଇଁ ଚଳିତ ବର୍ଷ ବଜେଟ୍‌ରେ 46 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 31 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

- ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ (Externally Aided Project) ଅଧୀନରେ ଓଡିଶା ରାଜ୍ୟ ରାସ୍ତା ପ୍ରକଳ୍ପ (Orissa State Road Project) ପାଇଁ ଚଳିତ ବର୍ଷ ବଜେଟ୍‌ରେ 92.20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସୂଚନାଯୋଗ୍ୟ ଯେ ଗତ ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ ଏଥି ନିମନ୍ତେ 51 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ।

- କେ.ବି.କେ ଜିଲ୍ଲାରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଯୋଜନା ଅଧୀନରେ ରାସ୍ତା ଓ ସେତୁର ସଂଯୋଗୀକରଣ ପାଇଁ 8 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଏହି ବିଭାଗରେ 2006-07 ଆର୍ଥିକ ବର୍ଷରେ ମୂଳ ବଜେଟ୍‌ରେ ରାଜ୍ୟ ଯୋଜନା ପାଇଁ ମୋଟ୍ 377.16 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ 430.41 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



**ଶିଳ୍ପ ବିଭାଗ**

- ଶିଳ୍ପ ବିଭାଗ ଅଧୀନରେ ରାଜ୍ୟ ଯୋଜନାରେ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ 2007-08 ଆର୍ଥିକ ବର୍ଷରୁ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି । ଏଥି ପାଇଁ ଚଳିତ ବର୍ଷ ବଜେଟ୍‌ରେ 3.02 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସରକାରୀ ମହାବିଦ୍ୟାଳୟମାନଙ୍କ (Constituent Colleges) ର ଭିତ୍ତିଭୂମି ଉନ୍ନୟନ ପାଇଁ ନୂତନ ଭାବରେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ 6.80 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଶିଳ୍ପ ବିଭାଗ ବଜେଟ୍‌ରେ ଅନୁସୂଚିତ ଜାତି ଯୁବକ ଯୁବତୀଙ୍କର ଆତ୍ମ ନିଯୁକ୍ତି ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 87 ଲକ୍ଷ 30 ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ଏହାକୁ 2 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

**ଖଣି ଓ ଭୂତତ୍ତ୍ୱ ବିଭାଗ**

- ଉତ୍ତୋଳନ ଓ ମୂଲ୍ୟାୟନ(Intensive Mineral Exploration and Assessment of Mineral Resources) ନାମକ ଏକ ନୂତନ ଯୋଜନା ପାଇଁ ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



**ସୂଚନା ଓ ପ୍ରଯୁକ୍ତି ବିଭାଗ**

- ସୂଚନା ଓ ପ୍ରଯୁକ୍ତି ବିଭାଗ ବଜେଟ୍‌ରେ ଇ-ଗଭର୍ଣ୍ଣାନସ୍ ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 3.81 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଏଥି ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ 18.76 କୋଟି ଟଙ୍କାର ଆକଳନ କରାଯାଇଛି ।

- ଚଳିତ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ସୂଚନା ଓ ପ୍ରଯୁକ୍ତି ବିଭାଗ ବଜେଟ୍‌ରେ On Line File Movement and Tracking System ପାଇଁ 5 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଆନ୍ତର୍ଜାତିକ ସୂଚନା ବୈଷୟିକ ପ୍ରତିଷ୍ଠାନ (International Institute of Information Technology) ସ୍ଥାପନ ପାଇଁ ଚଳିତ ବର୍ଷ ବଜେଟ୍‌ରେ 4.20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ବିଜ୍ଞାନ ଓ କାରିଗରୀ ବିଭାଗ**

- ବିଜ୍ଞାନ ଓ କାରିଗରୀ ବିଭାଗ ଅଧିନରେ ସମନ୍ୱିତ ଗ୍ରାମ୍ୟ ଶକ୍ତି ପ୍ରକଳ୍ପ (Integrated Rural Energy Programme) ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 1 କୋଟି 10 ଲକ୍ଷ 80 ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ ଅନୁରୂପ ବ୍ୟବସ୍ଥା ରଖାଯାଇଛି ।

- ଓଡିଶା ବିଜ୍ଞାନ ଏକାଡେମୀ ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 16 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ବର୍ଷ ବଜେଟ୍‌ରେ ଏହାକୁ 20 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



V ବିଜ୍ଞାନକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ (Popularisation of Science) 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 13 ଲକ୍ଷ 98 ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଚଳିତ ବର୍ଷ ବଜେଟ୍‌ରେ ଏଥିପାଇଁ 30 ଲକ୍ଷ ଟଙ୍କାର ବ୍ୟବସ୍ଥା ଅଛି ।

**ଗୃହ ନିର୍ମାଣ ଓ ନଗରାଞ୍ଚଳ ଉନ୍ନୟନ ବିଭାଗ**

V ଜବାହାରଲାଲ ନେହେରୁ ଜାତୀୟ ନଗରାଞ୍ଚଳ ନବୀକରଣ ମିଶନ (Jawaharlal Nehru National Urban Renewal Mission) ପାଇଁ 2006-07 ଆର୍ଥିକ ବର୍ଷରେ 56.25 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ 62.25 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

V ନଗରାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ 25.40 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

V ଜଳ ଯୋଗାଣ ପ୍ରକଳ୍ପ ପାଇଁ ହୁଡ୍‌କୋ ଠାରୁ ଅଣଯାଇଥିବା ଋଣ ପରିଶୋଧ ନିମିତ୍ତେ ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ (Orissa Water Supply and Sanitation Board) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (Bhubaneswar Development Authority) ଙ୍କୁ ଯଥାକ୍ରମେ 21.60 କୋଟି ଟଙ୍କା ଏବଂ 6.39 କୋଟି ଟଙ୍କା ଅନୁଦାନ ଆକାରରେ ପ୍ରଦାନ କରିବା ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



**ଗ୍ରାମ୍ୟ ଉନ୍ନୟନ ବିଭାଗ**

- ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ ଚଳିତ ବର୍ଷ ବଜେଟ୍‌ରେ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଗତ ଆର୍ଥିକବର୍ଷ ମୂଳ ବଜେଟ୍‌ରେ ଏଥିପାଇଁ 80 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ।

- ଏହି ବିଭାଗ ଅଧୀନରେ ଥିବା ରାସ୍ତା ଓ ପୋଲ ନିର୍ମାଣ ତଥା ଉନ୍ନତିକରଣ ପାଇଁ ଆର.ଆଇ.ଡି.ଏଫ୍. କାର୍ଯ୍ୟକ୍ରମରେ ଚଳିତ ବର୍ଷ ବଜେଟ୍‌ରେ 58 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଗ୍ରାମ୍ୟ ଉନ୍ନୟନ ବିଭାଗରେ ରାଜ୍ୟ ଯୋଜନା ପାଇଁ ଚଳିତ ବର୍ଷ ବଜେଟ୍‌ରେ 185.10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**ପର୍ଯ୍ୟଟନ ବିଭାଗ**

- ପର୍ଯ୍ୟଟନର ବିକାଶ ତଥା ଉଚ୍ଚ ମାନର ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ ରାଜ୍ୟ ଯୋଜନା କ୍ଷେତ୍ରରେ 7.05 କୋଟି ଟଙ୍କାର ବ୍ୟୟ ବରାଦ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ଏହାକୁ 10.16 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



## @_ô_ô aô¯ ae]

| |
|---|
| ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି |

V ଗ Rural Infrastructure Development Fund) ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍ ରେ 290 କୋଟି ଟଙ୍କାର ଆକଳନ କରାଯାଇଥିବା ବେଳେ 2007-08 ଆର୍ଥିକ ବର୍ଷର ବଜେଟ୍ ଆକଳନ ଅନୁସାରେ ଏହା 310 କୋଟି ଟଙ୍କା ଅଟେ ।

| |
|---|
| ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ |

V ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ (Externally Aided Project) ପାଇଁ 2006-07 ବଜେଟ୍‌ରେ 516 କୋଟି ଟଙ୍କାର ଆକଳନ କରାଯାଇଥିବା ବେଳେ 2007-08 ଆର୍ଥିକ ବର୍ଷରେ ଏହାକୁ 793.20 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

## 11. Ä˜áæ ‘å ¥ ‘ª ŒÆ®¥ £ŒÎ¨ -

2007-08 ଆର୍ଥିକ ବର୍ଷ ପାଇଁ ଅଣଯୋଜନା ଖର୍ଚ୍ଚ ପାଇଁ ମୋଟ 18078.24 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କର ଅବଗତି ନିମନ୍ତେ ଏହାର ମୁଖ୍ୟାଂଶ ମୁଁ ଉଲ୍ଲେଖ କରୁଛି ।

Please purchase PDFcamp Printer on http://www.verypdf.com/ to remove this watermark.



ଉଚ୍ଚ ଶିକ୍ଷା ବିଭାଗ

- ଉଚ୍ଚ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଅଛନ୍ତି; ସେଥିପାଇଁ ବିଶ୍ୱବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନୟନ ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ 35 କୋଟି ଟଙ୍କାର ବ୍ୟୟ ବରାଦ ନିମ୍ନମତେ କରାଯାଇଛି ।

| | | |
|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | - | 3.50 କୋଟି ଟଙ୍କା |
| ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | - | 3.50 କୋଟି ଟଙ୍କା |
| ସମ୍ବଲପୁର ବିଶ୍ୱବିଦ୍ୟାଳୟ | - | 4.00 କୋଟି ଟଙ୍କା |
| ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ | - | 2.00 କୋଟି ଟଙ୍କା |
| ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ | - | 2.50 କୋଟି ଟଙ୍କା |
| ଫକୀର ମୋହନ ବିଶ୍ୱବିଦ୍ୟାଳୟ | - | 7.00 କୋଟି ଟଙ୍କା |
| ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ | - | 7.00 କୋଟି ଟଙ୍କା |
| ରେଭେନ୍‌ସା ବିଶ୍ୱବିଦ୍ୟାଳୟ | - | 5.50 କୋଟି ଟଙ୍କା |

- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଉଭୟ ସରକାରୀ ଓ ସରକାରୀ ସାହାଯ୍ୟ ପ୍ରାପ୍ତ ଅନୁଷ୍ଠାନର କର୍ମଚାରୀ ମାନଙ୍କୁ ସେମାନଙ୍କ ବକେୟା ଦରମା ପ୍ରଦାନ ବାବଦରେ 17 କୋଟି ଟଙ୍କାର ବ୍ୟୟ ବରାଦରୁ 11 କୋଟି ଟଙ୍କା ସରକାରୀ ସାହାଯ୍ୟ ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ ପାଇଁ ଓ ଅବଶିଷ୍ଟ 6 କୋଟି ଟଙ୍କା ସରକାରୀ କଲେଜ ପାଇଁ ଉଦ୍ଦିଷ୍ଟ ।

Please purchase PDFcamp Printer on http://www.verypdf.com/ to remove this watermark.



ସେହିପରି ଏହି ବିଭାଗରେ ବିଭିନ୍ନ ଅନୁଷ୍ଠାନକୁ ଅନୁଦାନ ପାଇଁ 143.41 କୋଟି ଟଙ୍କାର ବ୍ୟବସ୍ଥା ଚଳିତବର୍ଷ ବଜେଟ୍‌ରେ କରାଯାଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାଜ୍ୟ ଅଂଶ ବାବଦରେ ସର୍ବଶିକ୍ଷା ଅଭିଯାନ ପାଇଁ 2006-07 ଆର୍ଥିକ ବର୍ଷ ବଜେଟ୍‌ରେ 167.42 କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ 170.33 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସଂସ୍କୃତି ବିଭାଗ

- ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜ କଳାମଣ୍ଡପର ନବୀକରଣ ପାଇଁ 4 କୋଟି ଟଙ୍କାର ବ୍ୟୟ ବରାଦ ଚଳିତ ବର୍ଷ ବଜେଟ୍‌ରେ ହୋଇଅଛି ।

ପଞ୍ଚାୟତି ରାଜ ବିଭାଗ

- ଦ୍ୱିତୀୟ ରାଜ୍ୟ ଅଥ

ବିଭାଗ ବଜେଟ୍‌ରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ 19.85 କୋଟି ଟଙ୍କା, ଗ୍ରାମ ପଞ୍ଚାୟତ ରାସ୍ତାର ମରାମତି ଓ ନିର୍ମାଣ ପାଇଁ 5 କୋଟି ଟଙ୍କା ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟପାଇଁ 11.74 କୋଟି ଟଙ୍କା ବ୍ୟବସ୍ଥା ରଖାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



| |
|---|
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |

- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗରେ ବିଦ୍ୟାଳୟ ଓ ଛାତ୍ରା ବାସର ଉନ୍ନତି, ମରାମତି ଓ ସଂଯୋଗୀକରଣ ପାଇଁ ଚଳିତ ବର୍ଷ ବଜେଟ୍ ରେ 25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| |
|---|
| ଗୃହ ବିଭାଗ |

- 2006-07 ଆର୍ଥିକ ବର୍ଷର ମୂଳ ବଜେଟ୍‌ରେ ବିଭିନ୍ନ ଜେଲ୍‌ରେ ରହୁଥିବା ବନ୍ଦୀମାନଙ୍କ ଖୋରାକୀ ନିମନ୍ତେ 9 କୋଟି 78 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ 2007-08 ଆର୍ଥିକ ବର୍ଷରେ ଏଥିପାଇଁ 12 କୋଟି 58 ଲକ୍ଷ 76 ହଜାର ଟଙ୍କାର ବ୍ୟୟ ବରାଦ ହୋଇଛି ।

| |
|---|
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ |

- ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ଭିତ୍ତିଭୂମି ଉନ୍ନୟନ ଓ ଯନ୍ତ୍ରପାତି କ୍ରୟ ନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ ଯଥାକ୍ରମେ 2 କୋଟି ଓ 1.77 କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ଭେଷଜ ମହାବିଦ୍ୟାଳୟ ଓ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ଏମ.ବି.ବି.ଏସ୍. ସ୍ନାତକ ପାଠ୍ୟକ୍ରମରେ ସ୍ଥାନ ସଂଖ୍ୟା 107 ରୁ 150 କୁ ବୃଦ୍ଧି ନିମନ୍ତେ ପ୍ରତ୍ୟେକ ମହାବିଦ୍ୟାଳୟ ପାଇଁ 2.10 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ

- ଏହି ବିଭାଗରେ ଜମି ପାସ୍ ବହି ବଣ୍ଟନ ପାଇଁ 2007-08 ଆର୍ଥିକ ବର୍ଷ ବଜେଟ୍ ଅଟକଳ ଅନୁସାରେ 10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ସେହିପରି ଜାତୀୟ ବିପର୍ଯ୍ୟୟ ଆପଦକାଳୀନ ପାଣ୍ଠିରୁ (National Calamity Contingency Fund) ସହାୟତା ମିଳିବବୋଲି ଆଶା କରାଯାଉଛି । 2007-08 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ 150 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧୀନରେ ରିଲିଫ୍ ଖର୍ଚ୍ଚ ପାଇଁ ଚଳିତ ବର୍ଷ ବଜେଟ୍‌ରେ ରାଜ୍ୟର ଅଂଶ ବାବଦରେ 60.30 କୋଟି ଟଙ୍କା ଓ କେନ୍ଦ୍ରୀୟ ଅଂଶ ବାବଦରେ 180.87 କୋଟି ଟଙ୍କା ଏହିପରି ମୋଟ୍ 241.17 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## @_Ô_Ô aÔ¯ ae]

ଯୋଜନା କ୍ଷେତ୍ରରୁ ଅଣଯୋଜନା କ୍ଷେତ୍ରକୁ ହସ୍ତାନ୍ତର

- ଏକାଦଶ ଯୋଜନାର ପ୍ରଥମ ବର୍ଷରେ ଅର୍ଥାତ୍ 2007-08 ଆର୍ଥିକ ବର୍ଷରେ ଦରମା ଇତ୍ୟାଦି ବ୍ୟୟ ବାବଦରେ 200 କୋଟି ଟଙ୍କା ଯୋଜନା କ୍ଷେତ୍ରରୁ ଅଣ ଯୋଜନା କ୍ଷେତ୍ରକୁ ହସ୍ତାନ୍ତର କରାଯାଇଛି । ଏଥିମଧ୍ୟରେ ରାସ୍ତା ଓ ଗୃହ ମରାମତି, ସଂପୂର୍ଣ୍ଣ ହୋଇଥିବା ଜଳ ସେଚନ ପ୍ରକଳ୍ପ ଓ ଜଳ ସଂପଦ ବିଭାଗ ଅଧୀନରେ ସେଚ କ୍ଷେତ୍ରର ରକ୍ଷଣାବେକ୍ଷଣ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ

Please purchase PDFcamp Printer on http://www.verypdf.com/ to remove this watermark.



ଛାତ୍ର ଛା
ବିଭାଗର ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକୀକୃତ ଅନୁଦାନ ଓ ଦରମା ଇତ୍ୟାଦି ଅନ୍ତର୍ଭୁକ୍ତ ।

- ସରକାରୀ ଗୃହ, ବାସଗୃହ ଓ ରାସ୍ତା ଆଦିର ରକ୍ଷଣାବେକ୍ଷଣ ପାଇଁ ଚଳିତ ବର୍ଷ ବଜେଟ୍‌ରେ 1138.51 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । 2006-07 ମୂଳ ବଜେଟ୍ ଅଟକଳ ଠାରୁ ଏହା 322.34 କୋଟି ଟଙ୍କା ଅଧିକ ଅଟେ ।

| |
|---|
| ରାସ୍ତା, ସରକାରୀ ଗୃହ ଓ ବାସଗୃହର ରକ୍ଷଣାବେକ୍ଷଣ |

- ଭାରତ ସରକାର ଏବଂ ଅନ୍ୟାନ୍ୟ ସଂସ୍ଥାରୁ ଅଣାଯାଇଥିବା ଋଣର ସୁଧ ଦେୟ ବାବଦରେ 4049.11 କୋଟି ଟଙ୍କା ।

| |
|---|
| ସୁଧ ଦେୟ |

- ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ଦେୟ ବାବଦରେ 2125.36 କୋଟି ଟଙ୍କା ।

| |
|---|
| ପେନ୍‌ସନ୍ ଓ ଅବସରକାଳୀନ ଦେୟ |

12. 2006-07 ଆର୍ଥିକ ବର୍ଷରେ ପୁଞ୍ଜି ହିସାବ (Capital Account) କ୍ଷେତ୍ରରେ ମୂଳ ବଜେଟ୍ ଅଟକଳ 1349.21 କୋଟି ଟଙ୍କା ରଖାଯାଇଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ଏହାକୁ ବୃଦ୍ଧି କରାଯାଇ 1913.77 କୋଟି ଟଙ୍କା ଅଟକଳ କରାଯାଇଛି । ଏହା ଫଳରେ ଭିତ୍ତିଭୂମି ଉନ୍ନୟନ ପାଇଁ ଅଧିକ ଅର୍ଥ ମିଳିପାରିବ ।

Please purchase PDFcamp Printer on http://www.verypdf.com/ to remove this watermark.



13. ତା.01.04.2005 ରିଖରୁ ମୁଲ୍ୟଯୁକ୍ତ ଟିକସ ପ୍ରଚଳନ ହେବାଦ୍ୱାରା ରାଜ୍ୟର ରାଜସ୍ୱ ବୃଦ୍ଧି ହୋଇଛି । 2004-05 ଆର୍ଥିକ ବର୍ଷରେ ବିକ୍ରିକର ଆଦାୟ ପରିମାଣ 2471.39 କୋଟି ଟଙ୍କା ଥିବାବେଳେ 2005-06 ମସିହାରେ ଏହା 3011.73 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ପ୍ରାଥମିକ ତଥ୍ୟ ଅନୁସାରେ 2006-07 ଆର୍ଥିକ ବର୍ଷରେ ଏହା 3764.82 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଚଳିତ ବର୍ଷ ରାଜ୍ୟ ସରକାର 35 ଟି ସାମଗ୍ରୀର ମୂଲ୍ୟଯୁକ୍ତ ଟିକସ (VAT) ହାରରେ କେତେକ ପରିବର୍ତ୍ତନ କରିଛନ୍ତି, ଯାହା ରାଜସ୍ୱ ବୃଦ୍ଧି ସହିତ କ୍ଷୁଦ୍ର ବ୍ୟବସାୟୀ ଏବଂ ଗରିବ ଖାଉଟିମାନଙ୍କ ପାଇଁ ମଧ୍ୟ ସହାୟକ ହେବ । ଯଥା, ତମାଖୁ ଉପରେ ଟିକସ ବୃଦ୍ଧି କରାଯାଇଛି, ମାତ୍ର ଚା ଉପରେ ଟିକସ ହ୍ରାସ କରାଯାଇଛି । 9 ଗୋଟି ସାମଗ୍ରୀ ଉପରୁ ମଧ୍ୟ ଟିକସ ଛାଡ କରାଯାଇଛି ।

14. ସେହିପରି ଡି.ଏଫ୍.ଆଇ.ଡି ଏବଂ ଏକାଦଶ ଅର୍ଥକମିଶନଙ୍କ ଅନୁଦାନ କ୍ରମେ ବାଣିଜ୍ୟକର ସଂସ୍ଥାରେ 111ଟି କାର୍ଯ୍ୟାଳୟ ମଧ୍ୟରୁ 4ଟି ମୁଖ୍ୟ ତନଖିଫାଟକ ସମେତ 54ଟି କାର୍ଯ୍ୟାଳୟ କ ୍ୟୁଟରୀକରଣ କରାଯାଇଛି ।

15. ଡି.ଏଫ୍.ଆଇ.ଡିର ଆର୍ଥିକ ସହାୟତାରେ 2005 ଜୁନ୍ ମାସରୁ “Orissa Treasury Management System” କାର୍ଯ୍ୟକାରୀ ହେଉଛି । ଏହାର ମୂଳ ଲକ୍ଷ୍ୟ ହେଉଛି ପର୍ଯ୍ୟାୟକ୍ରମେ ସମସ୍ତ କୋଷାଗାର ଓ ଉପକୋଷାଗାରକୁ କ ୍ୟୁଟରୀକରଣ କରିବା । ଏଥିପାଇଁ ସମସ୍ତ କୋଷାଗାରରେ ଥିବା କ ୍ୟୁଟର ସହ ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟରେ ଥିବା ମୁଖ୍ୟ କ ୍ୟୁଟର ସହ ସଂଯୋଗୀକରଣ କରାଯାଇଛି । ତେଣୁ ବିନା ଆଲଟ୍‌ମେଣ୍ଟରେ କୌଣସି ବିଲ୍ ପାଶ୍ ହୋଇପାରିବ ନାହିଁ । ଏହାଦ୍ୱାରା ଆଗରୁ ବଜେଟ୍ ଅନୁମୋଦନ ବାହାରେ ହେଉଥିବା ଅଧିକ ଖର୍ଚ୍ଚକୁ ରୋକା ଯାଇପାରିବ ।

Please purchase PDFcamp Printer on http://www.verypdf.com/ to remove this watermark.



16. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଚଳିତ ଆର୍ଥିକ ବର୍ଷରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସୁବିଧା ପାଇଁ କ ୍ୟୁଟର ମାଧ୍ୟମରେ ସେମାନଙ୍କ ପେନସନ୍‌ଜନିତ ଦେୟକୁ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାପାଇଁ ବ୍ୟବସ୍ଥା ହେଉଅଛି । ଏହାଦ୍ୱାରା ପେନ୍‌ସନ୍ ବିତରଣ ଓ ହିସାବ ପ୍ରକ୍ରିୟା ସରଳୀକୃତ ହୋଇଯିବ ଏବଂ ପେନ୍‌ସନ୍‌ଭୋଗୀମାନଙ୍କର ଅସୁବିଧା ଦୂର କରିହେବ ।

17. ପୂର୍ବରୁ ମୁଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟ ଓ ସଦସ୍ୟାମାନଙ୍କ ଅବଗତି ପାଇଁ ସ୍ପଷ୍ଟଭାବେ କହିବାକୁ ଚାହେଁ ଯେ ବଜେଟ୍ ରେ ଅଧିକ ବ୍ୟୟ ବରାଦ କରିଦେଲେ ବା ଏହାକୁ ଯେ କୌଣସି ପ୍ରକାରେ ଖର୍ଚ୍ଚ କରିଦେଲେ ଯେ ଆମ ସମସ୍ୟାର ସମାଧାନ ହୋଇଯିବ ଏକଥା ଭାବିବା ଠିକ୍ ନୁହେଁ । ଅସଲ କଥା ହେଉଛି ବ୍ୟୟ ଅନୁସାରେ ଆମକୁ ସୁଫଳ ମିଳୁଛି କି ନାହିଁ ତାହା ଦେଖିବା କଥା । ବିଭିନ୍ନ ବିଭାଗପାଇଁ ଗଠିତ ଷ୍ଟାଣ୍ଡିଙ୍ଗ୍ କମିଟି ବିଭାଗୀୟ ବଜେଟ୍‌କୁ ତର୍ଜମା କଲାବେଳେ ଏସବୁ ବିଷୟରେ ଧ୍ୟାନ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ ।

18. ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା କେନ୍ଦ୍ରୀୟ ସହାୟତାର ସଠିକ୍ ସମୟରେ ଓ ଠିକଣା ଭାବେ ଖର୍ଚ୍ଚ ହେବା । ସରକାରଙ୍କ ଦ୍ୱାରା ବାରମ୍ବାର ସମୀକ୍ଷା ଓ ତାଗିଦ୍ କରିବା ଦ୍ୱାରା ବିଭିନ୍ନ କେନ୍ଦ୍ରୀୟ ସହାୟତା ବାବଦରେ ଆସୁଥିବା ଅର୍ଥର ବିନିଯୋଗ ପ୍ରମାଣ ପତ୍ର ଦାଖଲରେ ଯଥେଷ୍ଟ ଉନ୍ନତି ହୋଇଛି । ଉଦାହରଣ ସ୍ୱରୂପ 2005-06 ଆର୍ଥିକ ବର୍ଷରେ 2470.58 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦାଖଲ ହୋଇଥିବା ବେଳେ 2006-07 ଆର୍ଥିକ ବର୍ଷରେ 2852.25 କୋଟି ଟଙ୍କାର ପ୍ରମାଣ ପତ୍ର ଦାଖଲ କରାଯାଇଛି । ଏହା ପୂର୍ବବର୍ଷ ତୁଳନାରେ 381.67 କୋଟି ଟଙ୍କା ଅଧିକ ଅଟେ ।

19. ବାଚସ୍ପତି ମହୋଦୟ, 2007-08 ଆର୍ଥିକ ବର୍ଷପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ଅବସରରେ ମୁଁ ରାଜ୍ୟର ଆର୍ଥିକ ପରିସ୍ଥିତି, ଆୟ ଏବଂ ବ୍ୟୟ

Please purchase PDFcamp Printer on http://www.verypdf.com/ to remove this watermark.



ଅଟକଳ ତଥା ବିଭିନ୍ନ ସମସ୍ୟା ଉପରେ ଯଥାସମ୍ଭବ ଆଲୋକପାତ କରିଛି । ମୋର ସୁଦୀର୍ଘ ଭାଷଣକୁ ଧୈର୍ଯ୍ୟର ସହିତ ଶୁଣିଥିବାରୁ ମୁଁ ଆପଣଙ୍କୁ, ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳନେତା ଓ ସମସ୍ତ ସମ୍ମାନାସ୍ପଦ ସଦସ୍ୟ ସଦସ୍ୟାମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବାସହ ସେମାନଙ୍କ ସାହାଯ୍ୟ ଓ ସହଯୋଗ କାମନା କରୁଛି । ଆଗାମୀ ଦିନଗୁଡିକ ଆମ ରାଜ୍ୟ ପାଇଁ ଶୁଭଙ୍କର ଓ ମଙ୍ଗଳମୟ ହେଉ-ଏହା ହିଁ ମୋର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

|| ଜୟ ହିନ୍ଦ୍ ||

|| a0t DLf S__

h `$m Qt OXB, @\cS